# Telephonic Conversation between PM and Crown Prince of Abu Dhabi

March 26, 2020

# ପ୍ରଧାନମନ୍ତ୍ରୀ ଏବଂ ଆବୁଧାବିର କ୍ରାଉନ୍ ପ୍ରିନ୍ସଙ୍କ ମଧ୍ୟରେ ଟେଲିଫୋନ୍ ରେ କଥାବାର୍ତ୍ତା

ମାର୍ଚ୍ଚ 26, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଟେଲିଫୋନ୍ ରେ ଆବୁଧାବିର କ୍ରାଉନ୍ ପ୍ରିନ୍ସ ମହାମାନ୍ୟ ଶେଖ ମହମ୍ମଦ ବିନ୍ ଜାଏଦ ଅଲ ନାହାୟାନଙ୍କ ସହ ଟେଲିଫୋନ୍ ରେ କଥା ହୋଇଥିଲେ।

COVID-19 ମହାମାରୀ, ତାହା ସମ୍ବନ୍ଧିତ ନିଜ ଦେଶର ପରିସ୍ଥିତି ତଥା ସେମାନଙ୍କ ସରକାର ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ଦୁଇ ନେତା ସୂଚନା ଏବଂ ବିଚାର ଗୁଡ଼ିକୁ ଆଦାନ-ପ୍ରଦାନ କରିଥିଲେ। ସେମାନେ ଏହି କଥା ସହିତ ସହମତ ହୋଇଥିଲେ ଯେ ଆଗାମୀ କିଛି ସପ୍ତାହ ଭାଇରସର ପ୍ରସାରକୁ ନିୟନ୍ତ୍ରିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ଏବଂ ସମସ୍ତ ଦେଶ ଦ୍ୱାରା ମିଳିତ ତଥା ସମନ୍ୱିତ ପ୍ରୟାସର ଆବଶ୍ୟକତା ହେବ। ଏହି ପରିପ୍ରେକ୍ଷୀରେ, ସେମାନେ ମହାମାରୀ ବିଷୟରେ ଆଲୋଚନା କରିବା ପାଇଁ ଆଜି ଦିନରେ ହୋଇଥିବା G20 ନେତାମାନଙ୍କ ମଧ୍ୟରେ ଏକ ଭର୍ଚୁଆଲ୍ ସମ୍ମିଳନୀର ଆୟୋଜନକୁ ପ୍ରଶଂସା କରିଥିଲେ।

ଦ୍ୱିପକ୍ଷୀୟ ସମ୍ପର୍କର ଶକ୍ତି ଏବଂ ସମୃଦ୍ଧତା ଉପରେ ଉଭୟ ନେତା ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନର ପରିସ୍ଥିତିରେ ସେମାନଙ୍କ ଅଧିକାରୀଙ୍କ ମଧ୍ୟରେ ନିୟମିତ ପରାମର୍ଶଗୁଡ଼ିକୁ ବଜାୟ ରଖିବାକୁ ବିଶେଷ କରି ଲଜିଷ୍ଟିକ୍ ଯୋଗାଣ ଲାଇନର ନିରନ୍ତରତା ନିଶ୍ଚିତ କରିବାକୁ ସେମାନେ ରାଜି ହୋଇଥିଲେ।

ମହାମାନ୍ୟ କ୍ରାଉନ୍ ପ୍ରିନ୍ସ ପ୍ରଧାନମନ୍ତ୍ରୀଙ୍କୁ ସଂଯୁକ୍ତ ଆରବ ରୁ ଅଧିକ ମିଲିଅନ୍ ରୁ ଅଧିକ ଭାରତୀୟଙ୍କର କଲ୍ୟାଣ ଏବଂ ଏହାର ଅର୍ଥବ୍ୟବସ୍ଥାରେ ଅବଦାନ ପାଇଁ ଆଶ୍ୱାସନା ଦିଆଯାଇଛି। ବର୍ତ୍ତମାନର ପରିସ୍ଥିତିରେ ଭାରତୀୟ ପ୍ରବାସୀମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ ନିଜର ବ୍ୟକ୍ତିଗତ ଧ୍ୟାନ ଦେଇଥିବାରୁ କ୍ରାଉନ୍ ପ୍ରିନ୍ସଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ କ୍ରାଉନ୍ ପ୍ରିନ୍ସ ଏବଂ ସମଗ୍ର ରୟାଲ ପରିବାର ତଥା ସମସ୍ତ ଅମିରାତର  ନାଗରିକଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। କ୍ରାଉନ୍ ପ୍ରିନ୍ସ ମଧ୍ୟ ଉତ୍ତମ ଶୁଭେଚ୍ଛା ଜଣାଇଲେ।

**ନୂଆ ଦିଲ୍ଲୀ**
**ମାର୍ଚ୍ଚ 26, 2020**

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.